# ସଙ୍ଗମ

କବି ରଘୁନାଥ ଦାସ

"ଏଇଠି ସମାପ୍ତି ? ବାଃ ।"

"ବଢ଼ିୟା"

ମୁଁ ଏତେ ସୁନ୍ଦର ପ୍ରେମ ଗଳ୍ପ ଆଜିଯାଏ ଶୁଣିନଥିଲି। କଥାବସ୍ତୁରେ ତୁ ରଖିଛୁ ଯେପରି ମାଦକତା, ଭାଷାକୁ ବି କରିପାରିଛୁ, ସେହିପରି ରସରସିଆ।

ମୁଁ ଏହି ଗଳ୍ପକୁ ଶତାବ୍ଦୀର ଶ୍ରେଷ୍ଠଗଳ୍ପ ରୂପେ ସ୍ଥାନ ଦେବି। କି ଚମତ୍କାର ଭାବନା-ନର୍ମଦାର ଉଚ୍ଛୃଙ୍ଖଳ ପ୍ରବାହ, ଜୋଛନାର ଉତ୍ସବ, ବଂଶୀର ବିଭୋର ରାଗିଣୀ, ଯୌବନର ଉନ୍ମାଦନା, ପ୍ରେମର ବନ୍ୟା , ସବୁ ଚାଲିଛି ଏକ ଛନ୍ଦରେ ,ଜୀବନକୁ କରି ରଙ୍ଗିନ, ମଧୁର ସରସ, ସଙ୍ଗୀତ ମୁଖର। ମୁଁ ତ ଶୁଣୁ ଶୁଣୁ ଆପଣାର ଅସ୍ତିତ୍ୱ ହଜାଇ ଦେଇଥିଲି। ପାଠକ ମୁହୂର୍ତ୍ତକ ପାଇଁ ଭୁଲିଯିବ ନିଜର ପରିସ୍ଥିତି –ନିଜର ଅଭାବ..." (ହାତ ପକେଟ୍ ଭିତରୁ ବାହାର କଲା ସିଗାରେଟ୍‌ର ଏକ ଫାଙ୍କା ଖୋଳ)।

"ହେଇ ସିଗାରେଟ୍‌ର ଅଭାବ। ଦେ ତ ଭାଇ ଗୋଟିଏ। ଏକ ଦେଖ ତ ମୁଁ ପାଶୋରି ଯାଇଥିଲି ମୋର ନିହାତି ଜରୁରୀ ଅଭାବଟା। ଆଉ ସାହିତ୍ୟଠୁ ଆମେ ଚାହୁଁ କ'ଣ? ଆମକୁ ଯୋଉ ସାହିତ୍ୟ ଯେତେ କଳ୍ପନାରେ ଭସାଇପାରିଲା, ମଜେଇ ପାରିଲା, ତା'ର ସ୍ଥାନ ସେତେ ଉପରେ । କଳ୍ପନା ତ ସାହିତ୍ୟର ପ୍ରାଣ । ଦୁନିଆରେ ନଈ ନାଳ, ପଥର , ପାହାଡ଼ ଉଜାନୀଙ୍ଗା, ସବୁ ଉପରେ କଳ୍ପନାର ତୂଳୀ ଦେଇ ଯଦି ନନ୍ଦନରେ ପରିଣତ କରି ଦିଆଯାଇ ପାରିଲା ,ଯଦି ମଣିଷ ତା'ର ସବୁ ଦୁଃଖଦୈନ୍ୟ ଭୁଲି ମୁହୂର୍ତ୍ତକ ପାଇଁ ଉର୍ବଶୀର ନୃତ୍ୟ ବିଳାସର ସନ୍ଧାନ ପାଇ ପାରିଲା, ଆପଣା ହୃଦୟ ତଳେ,ସେଇଠି ହୁଏ ସାହିତ୍ୟ ଧନ୍ୟ;ସେଇଠି ସାହିତ୍ୟିକ ଲାଭ କରେ ମହତ୍ତ୍ୱ। ସାହିତ୍ୟକର କାମ ହେଲା ସ୍ୱପ୍ନର ମଦିରା ଦେଇ ସମସ୍ତଙ୍କୁ ଅମୀର ବନାଇବ, ଦୁନିଆକୁ ରଙ୍ଗିନ୍ କରିବ, ମଣିଷକୁ ସମାଜର ବନ୍ଧନ, ରାଜାର ଉତ୍ପୀଡ଼ନ, ଧନର ଦାସତ୍ୱ, ଅଭାବର ନିର୍ଯ୍ୟାତନାରୁ ମୁକ୍ତ କରି କଳ୍ପନାପୁରୀକୁ ଘେନିଯିବା , ଧରଣୀର ସବୁ ବାଧାବନ୍ଧ ଉପରକୁ ତୋଳିବା। ଏଇ ଛୋଟ ଗପଟିରେ ସେ ସବୁ ଏଡ଼େ ଚମତ୍କାର ଭାବରେ ଫୁଟି ପାରିଛି ଯେ ତାଜମହଲ ଦେଖିଥିଲେ ମୁଁ ଯେତେ ଅଭିଭୂତ ହୋଇଥାନ୍ତି, ଆଜି ଦୁଇଟି ତରୁଣ ତରୁଣୀଙ୍କ ପ୍ରଣୟ ଗଳ୍ପ ମୋତେ ତାଠାରୁ ବେଶି ଆବିଷ୍ଟ କରିପାରିଛି। ସାବାସ୍ ବିନୋଦ, ସାବାସ୍। ମୁଁ ତତେ ଭାରି ଈର୍ଷା କରୁଛି।"

ବିନୋଦର ଗଳ୍ପର ଚମତ୍କାରିତା ବିଷୟରେ ଆମେ ସମସ୍ତେ ଏକମାତ୍ର ପ୍ରଗଲ୍‌ଭ। ରାଜ ଓ କାହ୍ନୁ ଏତେ ଆତ୍ମହରା ହୋଇଯାଇଥିଲେ ଯେ ଆଉ ଚଉକି ଧରି ବସି ପାରୁନଥିଲେ । କୋଠରୀରେ ଏ ପାଖ ସେପାଖ ଟହଲ ମାରି ମଝିରେ

*କଥା ସାହିତ୍ୟ*

# ସଙ୍ଗମ

*କବି ରଘୁନାଥ ଦାସ*

ମଝିରେ ଗଳ୍ପ ବିଷୟରେ ପଦେପଦେ ପ୍ରଶଂସା ମୁଖରେ ମନ୍ତବ୍ୟ ସିଗାରେଟ୍ ଧୂଆଁ ସହିତ ଛାଡ଼ି ଦେଉଥାନ୍ତି। ଏଇ ସମୟରେ ମୋର ନଜର ପଡ଼ିଲା ସଚ୍ଚି ଉପରେ , ଆମେ ତା'ର ଅସ୍ତିତ୍ବ ଭୁଲି ଯାଇଥିଲୁ। ଏଇ କଣିକିଆ ଚଉକି ଖଣ୍ଡକରେ ବସିଥିଲା ସେ, ଏ ସମସ୍ତ ବୀର ଉପାସନାର ଉଲ୍ଲାସ ଉତ୍ସବ ଭିତରେ । ଆରମ୍ଭରୁ ହିଁ ସେ ନୀରବ ରହିଆସିଛି। ହୁଏତ ଆମେ ତାଠାରୁ ଅଧିକ କିଛି ଆଶା କରିନଥାନ୍ତୁ । ଆମର ଏ ସାହିତ୍ୟିକ ମଜଲିସ୍‌ରେ ତା'ର ସବୁବେଳେ ପଦେ ମାତ୍ର ସମାଲୋଚନା ଥାଏ,- 'ବାଜେ' । ଯାହା କିଛି ପଢ଼ାହୁଏ, ଯେତେ ଭଲ ହେଲେ ବି ସବୁକୁ ସେ କହେ, 'ବାଜେ'। ଆମେ ହସିଉଠୁ,।। ସେ ବି ପ୍ରତବାଦ କରେନାହିଁ, କି ଆଉ କିଛି କହେନାହିଁ।

ଆମ ସମସ୍ତଙ୍କର ଧାରଣା ସଚ୍ଚିଟା ଆଡ଼ପାଗଳା, ଆଡ଼ପାଗଳା ଠିକ୍ ନ ହେଲେ ବି ତା'ର ଚିନ୍ତାଧାରା ବିକୃତ, ତା'ର ଚାଲିଚଳଣ, ଢଙ୍ଗଢାଙ୍ଗ, କଥାବାର୍ତ୍ତା ସବୁ ଅଦ୍ଭୁତ ରକମ-ପୋଷାକପତ୍ରବି । ରାସ୍ତା କରରେ ଭିକାରୀ ମେଳରେ , ରିକ୍ସାବାଲାଙ୍କ ଚା'ଖଟିରେ, ମାଳିଙ୍କ ସଂଜବେଳିଆ ସଙ୍ଗୀତରେ ଏପରିକି ବାବାଜିଙ୍କ ଗହଣରେ ତାକୁ ଅନେକଥର ଦେଖିଛୁ। ସେ ଲୋକଗୁଡ଼ାକଙ୍କ ସାଙ୍ଗରେ ତ ବେଶ୍ ଜମେଇଥାଏ, ସୁଖଦୁଃଖ,ହସକୌତୁକ। ଆମେ ତା'ର ଏସବୁ ସଂସର୍ଗ ବିଷୟରେ ପ୍ରଶ୍ନ କଲେ ସେ ଉତ୍ତର ଦିଏ,"ମୁଁ ତାଙ୍କ ଭିତରେ କାମ କରେ।" ଆମେ ଉପହାସ କରୁ। ସେ ବି ଖୁବ୍ କମ୍ କଥା କହେ, ଯାହା ବି କହେ ତାହା ସବୁ ରହସ୍ୟମୟ, ଆମର ଅବୋଧ। ଆମର ଏ ସାହିତ୍ୟିକ ମଜଲିସ୍‌ରେ ତାକୁ ଭର୍ତ୍ତି କରିବା କାରଣ ନୁହେଁ, ତା'ର ସାହିତ୍ୟ କାର୍ଯ୍ୟରେ ପାରଗତା ବା ଆଗ୍ରହ-ଆମେ ତା'ଠାରୁ କେବେ ବୋଲି କେବେ କୌଣସି ରଚନା ପାଇନାହୁଁ-ଆମେ ବି ଭଲ ରକମ ଜାଣୁ ତା' ଦେଇ ସାହିତ୍ୟ ହେବନାହିଁ। ତେବେ ବି ସେ କହେ ଯେ ସେ ରୀତିମତ ଲେଖାଲେଖି କରେ, କିନ୍ତୁ ଲେଖି ସାରି ସବୁ ଚିରିପକାଏ, କାରଣ "ରଙ୍ଗଟା ଗାଢ଼ ହୋଇପାରିଲା ନାହିଁ", କାରଣ 'ଝାପ୍‌ସା ହୋଇଗଲା, "କାରଣ ଜୀବନଠୁ କମ୍‌ତି ପଡ଼ିଗଲା" । କିନ୍ତୁ ସାହିତ୍ୟ ବିଷୟରେ ତା'ର ଉତ୍ସାହ କମ୍ ନୁହେଁ-ସାହିତ୍ୟର ଉପାଦେୟତା ବିଷୟରେ ସେ ଅନେକ ସମୟରେ ଆମ ଆଗରେ ଛୋଟ ବକ୍ତୃତା ଦିଏ କିନ୍ତୁ ସେ ଗୁଡ଼ାକ ସବୁ ଆମ ପକ୍ଷରେ ରହସ୍ୟମୟ, ଦୁର୍ବୋଧ।

ମୋର ନଜର ଯେତେବେଳେ ସଚ୍ଚି ଉପରେ ପଡ଼େ ସେତେବେଳେ ସେ ଝରକା ଦେଇ ବାହାରକୁ ରାସ୍ତା ଉପରେ ଆଖି ରଖିଚି, ତା'ର ସ୍ବାଭାବିକ ଏକାଗ୍ର ଅନ୍ୟମନସ୍କ ଭାବରେ । ରାସ୍ତାରେ ଜନପ୍ରାଣୀ କେହି ନାହିଁ। ତା'ର କୁତୁହଳ ପାଇଁ ଗୋଟିଏ ବୋଲି ଭିକାରୀର ଦର୍ଶନ ନଥିଲା। ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି କାହାକୁ ସେ ଏତେ ନିରିଖେଇ ଅନେଇଛି। ଭାବିଲି ଆଜି ସଚ୍ଚି ବୋଧହୁଏ କଥାଟାରେ ମଜ୍ଜିଯାଇଛି। ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲାଭଳି ସ୍ବରରେ କହିଲି 'ବିନୋଦ! ତୋର ଗଳ୍ପର ସବୁଠାରୁ ବଡ଼ ପ୍ରଶଂସା ତୁ ଆଜି ପାଇଲୁ ଏଇଠୁ। ଦେଖ୍ ତ, ସଚ୍ଚିକୁ ତୁ ମଜେଇ ଦେଇଛୁ, ଆଉ ନ ପାରିଛୁ କ'ଣ ?" ସମସ୍ତଙ୍କ ଆଖି ସଚ୍ଚି ପ୍ରତି ଆକୃଷ୍ଟ ହେଲା । ସବୁଆଡୁ କୌତୁହଳପୂର୍ଣ୍ଣ ପ୍ରଶ୍ନ ଆସିଲା ଦରଉପହାସମୟ ଭାଷାରେ- "ସଚ୍ଚିର ମନ୍ତବ୍ୟ କ'ଣ?"

www.jatayu.org

*କଥା ସାହିତ୍ୟ*

# ସଙ୍ଗମ

*କବି ରଘୁନାଥ ଦାସ*

ସଚ୍ଚି ଧୀରେ ରାସ୍ତାଆଡୁ ଆଖି ଫେରାଇ ଆଣି ଆମକୁ ସ୍ଥିର ଭାବରେ ଅନାଇ ରହିଲା । ତା'ର ଦୃଷ୍ଟିରୁ ଆମେ ବୁଝିପାରିଲୁ, ସେ କୌଣସି ବିଷୟରେ ବଡ଼ ପ୍ରତିଜ୍ଞାବଦ୍ଧ, ହୁଏତ ସେ କିଛି ଗୋଟିଏ କଥା କହିବାକୁ ଯାଉଛି ଯାହାକୁ ଆମେ ହସି ଉଡ଼େଇ ଦେଇପାରିବୁ ନାହିଁ। ସତକୁ ସତ, ତା'ର ଚାହାଣୀରେ କ'ଣ ଗୋଟିଏ ଶକ୍ତି ଥିଲା। ଆମେ ଟିକିଏ ଶଙ୍କିଗଲୁ, ପରିହାସର ମାତ୍ରା ଥମିଗଲା। ସେ କହିଲା, ସ୍ଥିର ଓ ଦୃଢ଼ ସ୍ୱରରେ-"ମୁଁ ଆଉ ଏକ କାହାଣୀ ଶୁଣାଇବି-ଆଉ ଏକ ପ୍ରେମର ।" ଅସୀମ ଉତ୍କଣ୍ଠା ବହୁଗୁଣ।

ଚଉକି ଖଣ୍ଡେନେଖା ଟାଣି ତା'ର ଚାରିପାଖ ମାଡ଼ି ବସିଗଲୁଁ।

"ମୋର କାହାଣୀର ଆରମ୍ଭ, ବିନୋଦର ଯୋଉଠି ଶେଷ ହୋଇଛି, ସେଇଠୁ।"

"ବାଃ" ..."ଆଚ୍ଛା !..." "ଚାଲୁ-, ମଜାଦାର"

ସେଇ ନର୍ମଦାର ତଟ, ଉଚ୍ଛୃଙ୍ଖଳ ସ୍ରୋତ ଓ ଶରତର ସେଇ ଜ୍ୟୋତ୍ସ୍ନା ଉଚ୍ଛଳ ରାତି। ବାସର ଘରେ ହୀରାଲାଲ ରାଜକୁମାରୀର କପାଳରେ ଟାଣିଲା ସରମର ରେଖା ।

ସେହି ପ୍ରାସାଦରେ ନେଳି ନାଲି ଆଲୁଅକୁ ପଛ କରି ଫେରୁଛି ମାଗୁଣି, ହାତରେ ତା'ର ଛେଲୁଆଏ ଭୋଜିଭାତର ଅଇଁଠା। ନିଜର ସୌଭାଗ୍ୟରେ ସେ ଏତେ ଖୁସି ଯେ ଆଗରେ ପଛରେ ତା'ର ସାଙ୍ଗସାଥୀ ଯେଉଁମାନେ ଚାଲିଛନ୍ତି,ସେମାନଙ୍କ କଥାରେ ସେ ଆଉ ଯୋଗ ଦେଇପାରୁନାହିଁ। ଏହି ଭିକାରୀ ପିଲା, ମାଇପି, ମରଦମାନେ ଫେରିଲା ବାଟରେ ଆନନ୍ଦରେ ଏମିତି ଅଶ୍ଳୀଳ କୋଳାହଳ କରୁଥାନ୍ତି ଯେ, ବାଟକରରେ ଥିବା ତେନ୍ତୁଳି ଗଛରୁ କାଉଗୁଡ଼ାକ ରାବି ପଲକୁ ପଲ ଉଡ଼ିଯାଉଥାନ୍ତି ନର୍ମଦାର ମଝିଯାଏ। ଫେର୍ ଚକ୍କର ଦେଇ ଫେରିଆସୁଥାନ୍ତି ନିଜର ଆଶ୍ରିତ ଶାଖାକୁ।

"ମାଗୁଣୀଭାଇ....ମାଗୁଣୀଭାଇ" ପଛରୁ ଡାକ ଆସିଲା  "ଏ ମାଗୁଣୀ ଭାଇ ଶୁଣୁନ କାହିଁକି ମ ମାଗୁଣୀଭାଇ "...."ଓ" ରହିଥା ଯିବା ତ, କଅଣ ହେଲା କିଛି ? ହେଃ ମନପୂରା, କହିଥିଲି ଯେ କଅଣ ଇମିତି ସିମିତି ବାହାଘର ହୋଇଛି ? ହୀରାଲାଲ ର ସାଧ ମେଣ୍ଟିଗଲା। ସେ କାଇଁ ନଇଲେ ରାଜକୁମାରୀ କାଇଁ । ତୁ ଭଲା ବଢ଼େଇଲୁ ହାତ ଏ ଚନ୍ଦ୍ରକୁ ପାଇବ ? ଆମରି ଆଗରେ ତ ଏଇ ଚୁଟିଆ ଦୋକାନଖଣ୍ଡେ କରି ବସିଥିଲା । ଏଇ ଆମରି ଭଳି ଅବସ୍ଥା ଥିଲା ନା ତାର କୋଉ ଶ'ହଜାର ଥେଲା । ଏଇ ଯୁଦ୍ଧ ତାକୁ ଟେକିଦେଲା, କାହା କପାଳ କେତେବେଳେ ଖୋଲୁଛି ତାହା ଅସଲ୍ ନସିବ କଥା। ତୁ ଯେତେକଲେ ହବ- !କଅଣ କହୁଛୁ ଭାଇ?

# ସଙ୍ଗମ

କବି ରଘୁନାଥ ଦାସ

"ତା ନୁହେଁ ଆଉ କଅଣ?" ମାଗୁଣିଆ ସମ୍ମତ ହେଲା।"ରାଜକୁମାରୀ କାହା ଘର ଝିଅ? ସିଏ ବାହାହେବାକୁ ମଙ୍ଗନ୍ତେ? ଯେ ହୀରାଲାଲ ବ୍ୟବସାୟ କାରବାରରେ ବେଳେବେଳେ ତାଙ୍କ ଘରକୁ ଯାଏ। ସେ ଝିଅ କିମିତିକା ୟାକୁ ଟିକିଏ ନଜରକୁ ଆଣିଥିଲା। ଯାଇଁଲୁ, ହଉ ହଉ ଭାବଲାବ ଟିକିଏ ବଢ଼ିଲା, ବୁଝିଲୁ ନା , ଯେ କଥା ବାପ କାନକୁ ଯେମିତି ଯାଇଛି ବୁଢ଼ା ବାଡ଼ି ଧରି ଗୋଡ଼ାଇଲା। ଆଉ ହୀରାଲାଲ ଦୁଆର ମାଡ଼ିଛି। ଏଇଲାଗେ ତ ବୁଢ଼ାଭଳିଆ ଚାରିଟାଙ୍କୁ ହୀରାଲାଲ କିଣିନେବ- ଏତିକି ତା ସମ୍ପତ୍ତି । ଏଇଯୋଉ ଚୋରାବଜାର ଖୋଲିଲାନାହିଁ, ଭାଇ ସେଇଥିରେ ଦିନକୁତ ହଜାର ହଜାର ଜାଣିଲୁ, ବୁଢ଼ା ତ ଦୁଆର ମଡ଼େଇ ଦଉନଥିଲା, ଏଥରକ ସେଇ ପୁଣି ବିଭାଘର କଥା ତା'ରି ଆଡୁ ଉଠେଇଲାଟି। "

"ତାରି ଆଡୁ?"

"ଆଉ, ଯାଚିକରି ନା, ହୀରାଲାଲ କଅଣ ପଦେ କହିଛି କି"

ବିନୋଦ ଆଉ ସହେ କେତେକେ? ପ୍ରତିବାଦ କରି କହିଲା "ସଚ୍ଚି, ତୋର ମତ୍‌ଲବ, ମୋର ନାୟକ ସଇତାନ"

"ଠିକ୍ ସେଇଆ" ଖୁବ୍ ଜୋର୍ ଦେଇ ଅଥଚ ଅବିଚଳିତ ଭାବରେ ସଚ୍ଚି ଉତ୍ତର ଦେଲା।

"ଆଉ ସେମାନଙ୍କ ବିବାହ ପ୍ରେମ ଓ ପ୍ରଣୟ ଲାଗି ନୁହେଁ?'"

"ପ୍ରେମ ଆଉ ପ୍ରଣୟ ସେ ମିଳନ ପଛରେ ନ ଥିଲା। -ଥିଲା ଧନର ଜୁଆଖେଳ-ତମ ଦୁନିଆର ସବୁ ବିବାହରେ ସେଇଟା ଥାଏ।"

ତୋଠି ଦେଖୁଛି ଅସୂୟାର ମାତ୍ରା ବଡ଼ ପ୍ରବଳ। ବିନୋଦ ମୃଦୁ ଭର୍ତ୍ସନା ଦେଲା ।ରାଜୁ ତା ସାଙ୍ଗରେ ଯୋଗଦେଲା । "ଗୋଟିଏ ମାଛିତ, ଖୋଜିବୁଲୁଛି କେଉଁଠି ଘା, କୋଉଠି ପଚାସଢ଼ା ନରକ"

"ସେ ଦୋଷ ମୋର ନୁହଁ, ଭାଇ" ଈଷତ୍ ହସ ମିଶାଇ ସଚ୍ଚି କହିଲା;- ତାପରେ ମୁହଁରୁ ତାର ସ୍ମିତ ଲିଭିଗଲା। ପରିବର୍ତ୍ତରେ ଦେଖାଗଲା ଦୃଢ଼, ଶକ୍ତିମାନ , ସ୍ପଷ୍ଟ କେତେଟା ରେଖା,ଦୃଷ୍ଟିହେଲା ତୀକ୍ଷ୍ଣ ତେଜମୟ," ଯଦି ଦେହମୁଣ୍ଡ ଘା, ଓ ପୂଜରେ ଭରଭର ହୋଇଥାଏ ତେବେ ତନୁର ଲାବଣ୍ୟ ବର୍ଣ୍ଣନା କରିବା ଭଣ୍ଡାମିଛଡ଼ା ଆଉ କଅଣ? ମାଛି ବସିଲେ ଦୋଷ ମାଛିର ନୁହେଁ, ନିଜର ଦେହକୁ ସୁସ୍ଥ କରିବାରେ "।

ମୁଁ ଦେଖିଲି ଏ ଯୁକ୍ତି ଛିଣ୍ଡିବନାହିଁ। ଖାଲି କଥାରୁ କଥା ବଢ଼ିବ। ଶେଷକୁ ହୁଏତ ଅପ୍ରିୟ ହୋଇପାରେ । ଅବସ୍ଥାଟିକୁ ସୁଧାରି ନେବାପାଇଁ ମୁଁ ସଚ୍ଚିକୁ ବାଧା ଦେଲି। "ରସଭଙ୍ଗ ହେଲା- ଗଳ୍ପଟା ଆଗ ସରୁ ତାପରେ-"

www.jataayu.org

Powered by Tekons

# ସଙ୍ଗମ

କବି ରଘୁନାଥ ଦାସ

"ତେବେ ତୁ ଏଇଠି ରହିବୁ-ସେଇ ଗଛମୂଳରେ, ନାଇଁ-ହଉ, ଆମେ ଖଣ୍ଡେ ଯାହାହେଉ ଭଲ ଥାନ ପାଇପାରିଛୁ, କଂସେଇ ଦୋକାନ ପଛପଟ ଚାଳିଟା ।"

"ଆମପାଇଁ ସେଠି ଟିକିଏ ଥାନ ହେବନି?" ମାଗୁଣି ପଚାରିଲା।

"ଆମେ ସେଠି ଛୁଆ ବଡ଼ ମିଶି ତେର। ଆଉ କୁକୁର ପିଲାଟିକୁବି ଜାଗା ନାହିଁ। ହଉ ଥା ଭାଇ, ମୁଁ ଯାଉଛି। ଝିଅ,ତା ମା'ତ ଫେରିନାହାନ୍ତି। ଛାଡ଼ିକରି ଟିକିଏ ଆସିବେ ବୋଲି କହିଲେ। ପଛକୁ କଅଣ ଥିବ ସାଉଁଟି ଗୋଟେଇକରି ଆଣିବେ" ।

ଅନତି ଦୂରରେ ନର୍ମଦାର ବିହ୍ବଳ ସ୍ରୋତ ହସିଉଠୁଥାଏ ଥରକୁଥର । କାର୍ତ୍ତିକ ଜହ୍ନର ନଗ୍ନ ଜୋସ୍ନା ଦିଗନ୍ତ ପ୍ରସାରିତ ନିବିଡ଼ ଆଶ୍ଳେଷରେ ମାଟିର ଅଙ୍ଗେଅଙ୍ଗେ ଆଣିଥିଲା ଅବଶତା। ପବନର ଅଳସ ଶ୍ବାସରେ ଅର୍ଦ୍ଧନିମୀଳିତ କିଆର ମହକ ଆଉ ଧାନ ଫୁଲର ସିକ୍ତ ଶିଥିଳ ଗନ୍ଧ। ନଈ ଆରପାରିରୁ ଡାହୁକର ତୁହା ତୁହା ନିଶିଥ କାକଳି।

ମାଗୁଣୀ ର ମନେ ହେଲା ଜୀବନଟାକୁ ସେ ଯେତେ ନିର୍ମମ ଭାବୁଥିଲା, ପ୍ରକୃତରେ ତାହା ସେତେଟା ନୁହେଁ।

"ସୁଲି,ସୁଲି ମ, ଏ, ତୁ ଏବେ କେତେବେଳୁ ଆଇଲୁଣି ?"

ଛେଲୁଆଟା ଓସ୍ତ ଗଛର ସିଅରେ ଡେରେଇଦେଇ ମାଗୁଣିଆ ସୁଲିର ମୁଣ୍ଡ ପାଖରେ ବସିଲା । "ପ୍ରଭୁ ହେ ଜଗନ୍ନାଥ"।

ସୁଲି ତାର ଆଲୁରା ବାଳକୁ ସାଉଁଟି ଗୋଟିଏ ଗଣ୍ଠି ପକାଇଲା । "କଅଣ ଆଣିଛ? ମୁଁ କଅଣ ଏବେ ଯାଇଥିଲି କି?"

"କାହିଁକି ଲୋ-ଇଏ ପରା ଦିନ ତୁ ହରେଇଲୁ ।କଅଣ ଦେହ ବ୍ୟସ୍ତ ହେଲା କିଲୋ"?

"ନାଇଁମ"  "ଆଉ ତେବେ?ୟେ ପାଞ୍ଚ କୋଶରୁ ଯିଏ ଯେଉଁଠି ଥିଲେ ଆସିଥିଲେ । "

"ମୁଁ ଯାଇନଥିଲି କି ? ଯାଇଥିଲି ଯେ , ମୁଁ ପରା ମାଇପି ନୋକ, କଅଣ ହେଲା ସେଇଠୁ-ନ ଅଷ୍ଟିଲାଠୁତ ଦାଣ୍ଡକୁ ବାହାରିଛେ। ଆଉ ତୋର ଦିନରାତି ଇଜତ ମହତ ଜଗି ପଡ଼ିରହିଲେ ଦୁଃଖ ଯିବ । ପେଟ ଦେଖାଇ ହାତ ପତେଇଲେ ମୁଠାଏ ମିଳିବ ନଇଲେ ନାଇଁ ।ଯାହା କଥା ଯାହାକୁ ଧରାଧରି।

ତମେ ଜାଣିଛ କଅଣ। ଖାଲି ସେତିକିରେ ହଉଛି ! ଉଗୁଡ଼ା ହାଣ୍ଡି ଭିତରୁ ଗୋଟାଏ ନୂଆ ଲୁଗା ଆଣି ସୁଲି ମାଗୁଣି ହାତକୁ ବଢ଼ାଇଦେଲା। "ଜାଇଁଲ, ନୂଆ ଲୁଗା ଖଣ୍ଡେଲେଖା, ସାବିନି ମୁଣ୍ଡାଏ ,ବୟସ ଥିଲା ମାଇକିନିଆ ଦେଖି । କଣ୍ଟି,

*କଥା ସାହିତ୍ୟ*

# ସଙ୍ଗମ

*କବି ରଘୁନାଥ ଦାସ*

ଖିଆପିଆ ସରିଲାବେଳକୁ ଆସିବ। ବାସନା ତେଲ ନଗେଇବ, ଖାଇବ ପିଇବ ଅଣାଏ ଲେଖା ପଇସା ।ତିନି ତିନିଥର ତାଗିଦା ମାଆଲୋ। ନରିଣପଡ଼ା ମାଉସୀର ଦିଅର ତା'ଘରେ ରହିଛିମ, ମତେ କଅଣ ଚିହ୍ନିଲାକି? ମୋତେ କହୁଛି ଫେର ନା, ନେସେଡ଼ି ଗଲାଣି।"ନଈପଠାରେ ବିଲୁଆ ବାଡ଼ି ମୁର୍ଦ୍ଦାରର ମାଂସ ଖାଉ ଖାଉ ମଝିରେ ରଡ଼ି କରୁଥାନ୍ତି।

"ଡିହ ବିକିଲି, ଶେଷକୁ ପୁଅମୁଣ୍ଡ ଖାଇଲି, ଝିଅକୁ ସାରୁ ବାଇଗଣ ଭଳିଆ ସାତ ସୁଉକାକୁ ବିକିଲି।ଫେର୍ ଦିହ ବିକିବି।"

ଚନ୍ଦ୍ର ଖସିଆସିଚି ଡିମିରି ଗଛର ଆରପାଖକୁ, ମାଟି ଉପରେ ଲୋଟି ପଡ଼ିଛି ଦୀର୍ଘ ଅସମାପ୍ତ ଛାଇ- ଅତୀତ କ୍ଷତର ଦାଗ ଭଳି । ପାଉଁଶମିଶା ଶେଷ ଆଲୁଅ ଓସ୍ତ ଗଛର ଅଗି ପତରକୁ ବେଳେ କରୁଛି ଫିକା ହଳଦିଆ, ବେଳେ ଅନ୍ଧାରିଆ ।

"ବାହାଘର ଦିନ କଥା ତୋର ସୁଲି ମନେଅଛି?"

"ଆମର ଫେର ଗୋଟିଏ ବାହାଘର।", ସୁଲି ହସିପାରିଲା ନାହିଁ। ଓସ୍ତଗଛକୁ ଆଉଜି ମାଗୁଣିଆ ବସିଛି, ତା'ର କରରେ ସୁଲି-ମେଞ୍ଚାଏ ଆଲୁଅ ନଅଙ୍କିଆ ମରମର କୁକୁର ଭଳି ପଡ଼ିରହିଛି ସେମାନଙ୍କ ଗୋଡ଼ରୁ ଟିକିଏ ଛାଡ଼ି।

ସୁଲି-

ଏ କଅଁଳ,ଡାକରେ ଭିତରଟା ଥରି ଉଠିଲା । ଖରାଦିନ ଦିପହରେ ସୁଲି ମାଗୁଣିଆର ଗୋଡ଼ ମୋଡ଼ି ଦଉଥିଲା ବେଳେ ଆସକତିଆ ନିଦ ପରେ ମାଗୁଣିଆ ଠିକ୍ ଏଇଭଳି ସ୍ବରରେ ତାକୁ ସଂବୋଧନ କରେ।

"ଟିକିଏ ଘଷିଦିଏଁ।" ମାଗୁଣିଆ ସୁଲିର ହାତ ଉଠାଇନେଲା- କିନ୍ତୁ ଆଉ ପକେଇଦେଇ ପାରିଲା ନାହିଁ- ସେ ଦୁଖର ଦିନ ଯାଇଛି। ମାଗୁଣିଆ ଭାବୁ ନଥିଲା ବର୍ତ୍ତମାନର କଥା ବା ଆଙ୍କୁ ନଥିଲା ଭବିଷ୍ୟତର ଛବି-ଅତୀତର ଛାଇଟା ମନର ତଳେ ତଳେ ବିସ୍ତାରିଥିଲା ତା'ର କାୟା । ମାଗୁଣିଆ ଅନ୍ୟମନସ୍କ ଭାବରେ ସୁଲିର ହାତ ପାପୁଲିର ସ୍ପର୍ଶ ଅନୁଭବ କରୁଥିଲା। ଟାଣ ଭାଙ୍ଗଭାଙ୍ଗିଆ ଚମଡ଼ା, ଚମଡ଼ା ତଳେ ଆଉ ମାଉଁସ ନାଇଁ-, ଶୁଖିଲା ଚମଡ଼ାଟା ଖାଲି, କେଡ଼େ ନରମ ଥିଲା। କେଡ଼େ ମାଉଁସିଆ ହାତ, ଆଙ୍ଗୁଠିର ସରୁ-ଲମ୍ବା ହାଡ଼ ମୋଟା ଗଣ୍ଠି, ଟାଣ ମୋଟା ଫୁଲିଲା ଶିରା, ହାଡ଼।

ହାଡ଼ରେ ହାଡ଼ ବାଜିଲା । ମାଗୁଣିଆର ଦେହ ଶିତେଇ ଉଠିଲା । ମନର ଓ ଦେହର ସେହି ଅସ୍ଥିରତାରେ ମାଗୁଣିଆ ସୁଲିର ମୁଣ୍ଡକୁ ଶୋଇଦେଇଥିଲା ନିଜର ଜଙ୍ଘ ଉପରେ । ସୁଲିର ଫୁରୁକୁଟିଆ ଉଙ୍କୁଣିଖିଆ ଅଡୁଆ ତଡୁଆ ବାଳ ଗୁଡ଼ାକ ଭିତରେ ତାର ଆଙ୍ଗୁଠି ଚାଲୁ ଚାଲୁ ମାଗୁଣିଆ ଗୋଟାଏ ଦୀର୍ଘ ନିଃଶ୍ବାସ ପକାଇ କହିଲା"ମୁଁ ତ ହିନି କପାଳିଆ , ମୋ ହାତ ଧରି ତୁବି ନାରଖାର ହୋଇ ମଲୁ ।"

# ସଙ୍ଗମ

କବି ରଘୁନାଥ ଦାସ

"ଦିଅଁତ ଦେଇନାହାନ୍ତି ଆମକୁ ସୁଖ, ମଣିଷ ହାତ କଥା ସେ ତମେ କଅଣ କରିଥାନ୍ତ"?

ମାଗୁଣିଆ ତାର ଅଇଁଠାଲଗା ଓଠରେ ଛୁଇଁଲା ସୁଲିର ଧୂଳି ବହଳିଆ କପାଳ।

"ଆଜ୍ ମେରି ନାଆ ଚଲିରେ ,ଚଲିରେ , ଚଲିରେ,

କୋଇ କହେଁ ୟାହାଁ ଚଲି, କୋଇ କହେ ଉହାଁ ଚଲି , ମେ କହୁଁ ପ୍ରିୟାକା ଗାଁ ଚଲିରେ"

ନର୍ମଦାର ମଝିରୁ ଭାସିଆସିଲା ସଙ୍ଗୀତ, କୋଳାହଳ ,କରତାଳି ଓ ଆହୁଲାରେ ଛପଲ ଛପଲ ଶବ୍ଦ, ଦୂରରେ ମିଳେଇଗଲା । ବିଲୁଆଙ୍କର ଖେଁ ଖାଁ ଚାଲିଲା ପୁଣି ।

"ଆଉ କ'ଣ ସୁଲି ସୁଲି ହେଇ ଅଛି । "

"ଆଉ କଅଣ ମାଗୁଣି ମାଗୁଣି ହେଇ ଅଛି ।"

ତେବେ ?

ଉଭୟେ ହସିଲେ , ସେ ହସ ମାଗୁଣିଆର ନୁହଁ, ସେ ହସ ସୁଲିର ନୁହେଁ ତେବେ ?

ହାଡ଼ର ହାଡ଼ର ପ୍ରେମ....।

"ଛିଇ, ଇଏ କେମିତିକା ମଣିଷ ତେମେ , ମୋର କଅଣ ଆଉ ଯୌବନ ଅଛି "।

ସୁଲି ଉଠିପଡ଼ି ସଙ୍କୋଚରେ ଦୁଇ ହାତକୁ ଛାତି ଉପରେ ଚାପି ଧରିଲା।

ହାଡ଼ର ହାଡ଼ର ପ୍ରେମ...।

"ସୁଲି, ଆଉ ଆମ ଜୀବନରେ କି ସୁଖ ଅଛି, କହତ ଭଲା?"

ସୁଲିର କାନ୍ଧ ଉପରେ ହାତ ରଖି ମାଗୁଣି ପଚାରିଲା ।

ଉଭୟ ଚାହିଁଥିଲେ , ପଶ୍ଚିମ ଆକାଶର ପାଣ୍ଡୁର ଜହ୍ନକୁ ।

Powered by Tekons

# ସଙ୍ଗମ

କବି ରଘୁନାଥ ଦାସ

ଛୋଟ ପାକୁଆ ହସଟିଏ ହସିଲା। ଦିହେଁ ହସି ହସିକା ଅତି ପୁ "ପ୍ରିୟ! କହ ତ, ଜୀବନଟା କି ମଜାଦାର୍ , କି ରଙ୍ଗୀନ୍"।

"ସେ ରଙ୍ଗ ଢ଼ାଳିଲା କିଏ କହତ"!

"କିଏ?"

"ତୁମର ରୂପେଲୀ ଯୌବନ ଆଉ ସୁନେଲି ପ୍ରେମ ।"

"ଦୁଷ୍ଟ "ରାଜକୁମାରୀ ହସିଲା, ହୀରାଲାଲ ହସିଲା । ଉଭୟ ଚାହିଁଥିଲେ ପଶ୍ଚିମ ଆକାଶର ପାଣ୍ଡୁର ଜହ୍ନକୁ ।

ପାକୁଆ କୁଜା ବୁଢ଼ାଟିଏ ଆମ ଝରକା କର ଦେଇ ବାଡ଼ି ଖଣ୍ଡେ ଠୁକେଇ ଠୁକେଇ ଯାଉଥିଲା, ହାତରେ ତା'ର ଲିମ୍ବ ଦାନ୍ତକାଠି ଦି'ବିଡ଼ା।

"ଅଜା" ସଢି ଝରକା ଦେଇ ଡାକମାରି ଚୌକିରୁ ହୁଦସ୍ ଉଠିପଡ଼ିଲା। ବୁଢ଼ା ଏପଟ ସେପଟ ଘୂରି ଅନେଇଲା।

"ଅଜା" କହି ସଢି ତା' କାନ୍ଧରେ ଥାପୁଡ଼େଇଲା। ବୁଢ଼ା ତା'ର ଆଖିକୁ ସଢିର ମୁହଁ ପାଖକୁ ଲଗେଇଦେଇ ଖୁସିର ରୁଣା ବନ୍ଧୁ ପରି ସୁଖଦୁଃଖ ହେଇ ଚାଲିଲେ ଆଗକୁ-ଆମେ ଝରକା ଦେଇ ଅନେଇ ରହିଥାଉଁ।

www.jataayu.org